| PUBLICATION NAME : | Amruta Duniya |
|---|---|
| EDITION : | Bhuneshwar |
| DATE : | 30/12/2021 |
| PAGE : | 11 |

# ମହାମାରୀ ପରେ ୭୦% ଉଦ୍ୟୋଗୀ ଯୋଜନା ବଦଳାଇଛନ୍ତି

**ଭୁବନେଶ୍ୱର(ବ୍ୟୁରୋ)** ଏଣ୍ଟରପ୍ରେନ୍ୟୁଅରସିପ୍ ଡେଭେଲପ୍‌ମେଣ୍ଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ଅହମ୍ମଦାବାଦ ପକ୍ଷରୁ ଇନଷ୍ଟିଚ୍ୟୁଟର ଡାଇରେକ୍ଟର ଜେନେରାଲ୍ ଡକ୍ଟର ସୁନିଲ ଶୁକ୍ଲାଙ୍କ ସହ ମିଶି ଉଦ୍ୟୋଗ କ୍ଷେତ୍ରରେ ଘଟୁଥିବା ପରିବର୍ତ୍ତନକୁ ଜାଣିବା ଲାଗି ଗ୍ଲୋବାଲ୍ ଏଟଂରପ୍ରେନ୍ୟୁଅରସିପ୍ ମନିଟର ସର୍ଭେ କରାଯାଇଥିଲା। ଏହା ହେଉଛି ଏକ ସର୍ବବୃହତ ବାର୍ଷିକ ସର୍ଭେ ଯାହାକୁ ଡକ୍ଟର ଶୁକ୍ଲା ପ୍ରମୁଖ ଲେଖକ ଭାବେ ରଚନା କରିଛନ୍ତି। ଜିଇଏମ୍ ଇଣ୍ଡିଆ ୨୦୨୦-୨୧ ରିପୋର୍ଟକୁ ନିକଟରେ ଜାରି କରାଯାଇଛି ଯେଉଁଥିରେ ଭାରତୀୟ ଉଦ୍ୟମିତା କ୍ଷେତ୍ରର ବିଭିନ୍ନ ଦିଗ ଯଥା ବ୍ୟବହାର, କାର୍ଯ୍ୟକଳାପ ଓ ଅଭିଳାଷ ଆଦିକୁ ସ୍ଥାନିତ କରାଯାଇଛି। ଦେଶର ୩,୩୧୭ ଜଣ ପ୍ରାପ୍ତବୟସ୍କ ଓ ଜାତୀୟ ସ୍ତରର ବିଶେଷଜ୍ଞମାନଙ୍କୁ ନେଇ ଏହି ସର୍ଭେ କରାଯାଇଛି। ଇଡିଆଇଆଇ ପକ୍ଷରୁ କରାଯାଇଥିବା ଏହି ଜାତରୟ ସର୍ଭେରେ ଭାଗ ନେଇଥିବା ୮୨ ପ୍ରତିଶତ ଲୋକ ବିଶ୍ୱାସ କରୁଛନ୍ତି ଯେ କୋଭିଡ୍ ମହାମାରୀ ଯୋଗୁଁ ସୃଷ୍ଟି ହୋଇଥିବା ଆହ୍ୱାନ ସତ୍ତ୍ୱେ ବ୍ୟବସାୟ ଆରମ୍ଭ କରିବା ଲାଗି ଏବେ ବହୁତ ଭଲ ସୁଯୋଗ ରହିଛି। ୮୨ ପ୍ରତିଶତ ଯୁବବର୍ଗଙ୍କ ବିଶ୍ୱାସ ରହିଛି ଯେ ବ୍ୟବସାୟ ଆରମ୍ଭ କରିବା ଲାଗି ସେମାନଙ୍କ ପାଖରେ ଆବଶ୍ୟକ କୌଶଳ ଓ ଜ୍ଞାନ ରହିଛି। ୪୭ଟି ଦେଶ ମଧ୍ୟରୁ ସୁଯୋଗ କ୍ଷେତ୍ରରେ ଭାରତ ତୃତୀୟ ସ୍ଥାନରେ ରହିଛି। ଏହି ସର୍ଭେରୁ ଜଣାପଡ଼ିଛି ଯେ ବ୍ୟବସାୟ ବିଫଳ ହେବାର ଭୟ ଯୁବପିଢ଼ି ମଧ୍ୟରେ ୧% ବୃଦ୍ଧି ପାଇ ୨୦୨୦-୨୧ରେ ୫୭% ହୋଇଛି ଯାହା ୨୦୧୯-୨୦ରେ ୫୬% ଥିଲା। ଏହି ସମୟରେ ଉଦ୍ୟୋଗୀ ହେବାର ଅଭିଳାଷ ୩୩.୩%ରୁ ହ୍ରାସ ପାଇ ୨୦.୩୧ ପ୍ରତିଶତରେ ପହଂଚିଛି। ପ୍ରାରମ୍ଭିକ ସ୍ତର ଉଦ୍ୟମିତା କାର୍ଯ୍ୟକଳାପ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇ ୫.୩୪%କୁ ହ୍ରାସ ପାଇଛି।